# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 10 May - 2026

***********************************

## ମୁଖ୍ୟ ସମ୍ବାଦ

- ସୋମନାଥ ଅମୃତ ପର୍ବ ଅବସରରେ ଆସନ୍ତାକାଲି ମନ୍ଦିରର ଧ୍ୱଜପୂଜା ଓ ମହାପୂଜାରେ ସାମିଲ ହେବେ ପ୍ରଧାନମନ୍ତ୍ରୀ
- ଦେଶରେ ସମ୍ଭାବ୍ୟ ବନ୍ୟା ଓ ଗ୍ରୀଷ୍ମ ପ୍ରବାହ ସ୍ଥିତିର ମୁକାବିଲା ଓ ପ୍ରସ୍ତୁତିର ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ
- ସମ୍ବଲପୁର ଜିଲ୍ଲାରେ ୧୯୪ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ପୁଣି ଥରେ ଆରମ୍ଭ ହେବ ରତ୍ନ ଭଣ୍ଡାର ଅଳଙ୍କାର ଗଣତି ମଣତି

# ସୋମନାଥ ଅମ୍ରିତ ପର୍ବ

ଗୁଜୁରାଟ ସ୍ଥିତ ସୋମନାଥ ମନ୍ଦିରର ପୁନଃ ନିର୍ମାଣର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ 'ସୋମନାଥ ଅମୃତ ପର୍ବ ୨୦୨୬' ପାଳନ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି  ସୋମନାଥ ମନ୍ଦିର ଗସ୍ତରେ ଯାଇ ଧ୍ୱଜପୂଜା ଓ ମହାପୂଜାରେ ଅଂଶଗ୍ରହଣ କରିବେ ।

୧ ହଜାର ୨୬ ମସିହାରେ ସୋମନାଥ ମନ୍ଦିର ଉପରେ ପ୍ରଥମଥର ପାଇଁ ଆକ୍ରମଣ ହୋଇଥିଲା । ଚଳିତବର୍ଷ ଏହାର ୧ ହଜାର ବର୍ଷ ପୂରଣ ହୋଇଛି । ୧୯୫୧ ମସିହାରେ ସୋମନାଥ ମନ୍ଦିର ପୁନଃ ଖୋଲିଥିଲା । ଚଳିତବର୍ଷ ଏହାର ୭୫ତମ ବାର୍ଷିକୀ ପାଳନ କରାଯାଉଛି । ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ୧୯୫୧ ମସିହାରେ ଏହାକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଭଗବାନ ଶିବଙ୍କ ୧୨ଟି ଆଦି ଜ୍ୟୋର୍ତିଲିଙ୍ଗ ମଧ୍ଯରୁ ପ୍ରଥମ ଭାବରେ ସୋମନାଥ ମନ୍ଦିର ଏକ ପବିତ୍ର ସ୍ଥାନ ଭାବେ ମାନ୍ୟତା ଲାଭ କରିଛି ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରଠାରେ ଆସନ୍ତାକାଲି ପୂର୍ବାହ୍ନ ୧୦ ଘଟିକାରେ ସୋମନାଥ ସ୍ୱାଭିମାନ ପର୍ବ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

GNR

## ଏଚ୍.ଏମ୍. - ରିଭ୍ୟୁ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ଦେଶରେ ସମ୍ଭାବ୍ୟ ବନ୍ୟା ଏବଂ ଗ୍ରୀଷ୍ମପ୍ରବାହ ସ୍ଥିତିର ମୁକାବିଲା ନେଇ ସମୀକ୍ଷା କରିଛନ୍ତି। ଶ୍ରୀ ଶାହା ଏକ ଉଚ୍ଚସ୍ତରୀୟ ବୈଠକରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ପ୍ରସ୍ତୁତି, ମାନବ ସମ୍ବଳର ନିୟୋଜନ ଏବଂ ବିଭିନ୍ନ ସଂସ୍ଥା ଭିତରେ ସମନ୍ୱୟ ରକ୍ଷା ସହ ବିପର୍ଯ୍ୟୟ ସମୟରେ ଶୂନ୍ୟ ପ୍ରାଣହାନୀ ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଗୋଷ୍ଠୀ ସଚେତନତା, ପର୍ଯ୍ୟାପ୍ତ ମାତ୍ରାରେ ରିଲିଫ ସାମଗ୍ରୀ ମହଜୁଦ ରଖିବା ଉପରେ ଆଲୋଚନା ହୋଇଥିଲା।

Desk

## ବିଜୟ ଶପଥ ଗ୍ରହଣ

ଆସାମ ବି.ଜେ.ପି. ନବନିର୍ବାଚିତ ବିଧାୟକ ଦଳ ବୈଠକରେ ଡକ୍ଟର ହିମନ୍ତ ବିଶ୍ୱଶର୍ମାଙ୍କୁ ନେତା ଭାବେ ନିର୍ବାଚିତ କରାଯାଇଛି । ଏନ୍.ଡି.ଏ. ବିଧାୟକ ଦଳ ବୈଠକରେ ମଧ୍ୟ ଡକ୍ଟର ଶର୍ମା ନେତା ଭାବେ ମନୋନୀତ ହୋଇଛନ୍ତି । ଉଭୟ ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ବି.ଜେ.ପି. ନେତା ଜଗତ୍‌ପ୍ରକାଶ ନଡ୍ଡା ଏବଂ ସହ ପର୍ଯ୍ୟବେକ୍ଷକ ଭାବେ ନାୟେବ ସିଂହ ସାଇନି ଉପସ୍ଥିତ ଥିଲେ ।

ଟିଭିକେ ମୁଖ୍ୟ ସି. ଜୋସେଫ୍ ବିଜୟ ଆଜି ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି ।  ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ

ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର’ ଶ୍ରୀ ବିଜୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ତାଙ୍କ ସହିତ ୯ ଜଣ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

Desk

## ମୁଖ୍ୟମନ୍ତ୍ରୀ– ଜନଶୁଣାଣି

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ଭୁବନେଶ୍ୱରଠାରେ ହେବାକୁ ଥିବା ଏହି ଶୁଣାଣି କାର୍ଯ୍ୟକୁ ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

BHK

## କମ୍ୟୁନିଟି କେନ୍ଦ୍ର ଶିଳାନ୍ୟାସ

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଜି ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ବିଲଣ୍ଡା ବୋଡ଼କ ପଞ୍ଚାୟତ ଦୁଗ୍ଧଶୀତଳୀକରଣ କେନ୍ଦ୍ର ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ପରେ ଅନ୍ଦରାଇଠାରେ ମାର୍କେଟ କମ୍ପ୍ଲେକ୍ସ, କୁବେରା ପଞ୍ଚାୟତଠାରେ କମ୍ୟୁନିଟି କେନ୍ଦ୍ରର ଶିଳାନ୍ୟାସ ମଧ୍ୟ କରିଛନ୍ତି। ଏହି

ଅବସରରେ ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଁଞ୍ଚାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ।

Desk

## ଧର୍ମେନ୍ଦ୍ର ପ୍ରଧାନ-ସମ୍ବଲପୁର ଗସ୍ତ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଜିଲ୍ଲାର ନାକଟିଦେଉଳ, ରେଢ଼ାଖୋଲ ଏବଂ ଜୁଜୁମରା ବ୍ଲକର ବିକାଶ ପାଇଁ ୧୯୪ କୋଟି ଟଙ୍କା ବ୍ୟୟରେ ୪୮ଟି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ପର୍ଯ୍ୟଟନ ଓ ଐତିହ୍ୟର ବିକାଶକୁ ଗୁରୁତ୍ୱ ଦେଇ ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍ ର ଭୂମିପୂଜନ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଐତିହ୍ୟ ସ୍ଥଳୀର ବିକାଶ ପାଇଁ ପ୍ରାୟ ୮ କୋଟି ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁମୋଦନ ହୋଇଛି । ପର୍ଯ୍ୟଟନ ସ୍ଥଳୀର ବିକାଶ କାର୍ଯ୍ୟସ୍ୱରୂପ ପ୍ରବେଶପଥ, ସେତୁ, ଭ୍ୟୁ-ପଏଣ୍ଟ ଓ ସୌରଶକ୍ତି ବ୍ୟବସ୍ଥା ଅତ୍ୟାଧୁନିକ ସୁବିଧା ଓ ବିଶ୍ରାମଗୃହ ନିର୍ମାଣ କରାଯିବ । ନାକଟିଦେଉଳ ଅଞ୍ଚଳର ଲୋକମାନଙ୍କ ସୁବିଧା ପାଇଁ କମ୍ୟୁନିଟି ହେଲ୍‌ଥ ସେଣ୍ଟରର ନୂତନ ଭବନ ଏବଂ ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି । ରେଢ଼ାଖୋଲ ବ୍ଲକ

ଅଧୀନରେ ଥିବା ରାମପୁର-ଗିରିଶଚନ୍ଦ୍ରପୁର ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଯାହା ଅଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବ । ଶୁଭାରମ୍ଭ ହୋଇଥିବା ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ସାମାଜିକ ଓ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଲୋକଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

HS

## ଶୀତଳଷଷ୍ଠୀ ଯାତ୍ରା ବୈଠକ

ସମ୍ବଲପୁର ସହରରେ ଆଗାମୀ ଦିନରେ ହେବାକୁ ଥିବା ପବିତ୍ର ଶୀତଳଷଷ୍ଠୀ ଯାତ୍ରା ନେଇ ଆଜି ପ୍ରାକ୍ ପ୍ରସ୍ତୁତି ବୈଠକ  ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ଶୀତଳ ଷଷ୍ଠୀ ଯାତ୍ରା ସମନ୍ୱୟ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ। ବିଗତ ଦିନର ଅଭିଜ୍ଞତା ଆଧାରରେ ଚଳିତ ବର୍ଷ ମଧ୍ୟ ଶାନ୍ତିଶୃଙ୍ଖଳାର ସହିତ ଯାତ୍ରା ପାଳନ ପାଇଁ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ।

Desk

## ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣିତ କାର୍ଯ୍ୟ ଆସନ୍ତାକାଲି ଠାରୁ ପୁଣିଥରେ ଆରମ୍ଭ ହେବ । ୨ ଦିନ ଧରି ଏହି

ଗଣତି ମଣତି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ପାଇଁ ଏହି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା ।

Desk

## ୱେଭ୍ ଡକ୍ ବଜାର

ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ସହିତ ୱେଭ୍ ଡକ୍ ବଜାରର ଦ୍ୱିତୀୟ ସଂସ୍କରଣ ଆସନ୍ତା ଜୁନ୍ ମାସ ୧୬ ତାରିଖରୁ ମୁମ୍ବାଇ ଏନ୍.ଏଫ୍.ଡି.ସି. କମ୍ପ୍ଲେକ୍ସରେ ଆୟୋଜନ କରାଯିବ । ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ୱେଭ୍ ଡକ୍ ବଜାର' ସହଯୋଗ, ମାର୍ଗଦର୍ଶନ ଓ ବୈଷୟିକ ସ୍ତରରେ ପରିଚୟ ଦେବାରେ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାତାଙ୍କ ଯାତ୍ରାକୁ ତ୍ୱରାନ୍ୱିତ କରିବ । ୨୦୨୪ ମସିହାରେ ପ୍ରଥମ ସଂସ୍କରଣ ପରେ ଚଳିତ ବର୍ଷ ଦ୍ୱିତୀୟ ସଂସ୍କରଣର ଆୟୋଜନ କରାଯାଉଛି । ଦୃଶ୍ୟ-ଶ୍ରାବ୍ୟ ଶିଳ୍ପର ପ୍ରତିଷ୍ଠିତ ବୃତ୍ତିଗତ ଓ ଉଦୀୟମାନ ପ୍ରତିଭାଙ୍କୁ ଏହା ଏକ ମଞ୍ଚ ପ୍ରଦାନ କରିବ । ପ୍ରଯୋଜକ, ବିତରକ, ପ୍ରସାରକ, ପାଣ୍ଠି ପ୍ରଦାନକାରୀ ଏବଂ ପ୍ରଯୁକ୍ତିବିଦ୍ୟା ଅଂଶୀଦାରମାନଙ୍କପାଇଁ ଏହି ମଞ୍ଚ ଏକ ଅନନ୍ୟ କେନ୍ଦ୍ର ଭାବରେ କାର୍ଯ୍ୟକରି ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବିଶ୍ୱ ସ୍ତରରେ ପରିଚିତ କରାଇବ । ୱେଭ୍ ଡକ୍ ବଜାରର ପ୍ରମୁଖ ଅଂଶଭାବେ ଭି.ଆର୍., ପ୍ରଗତି ଲ୍ୟାବ୍, ଏକ୍ସ.ଆର୍. ଏବଂ ଇମର୍ସିଭ୍ ମାର୍କେଟ୍‌କୁ ସ୍ଥାନିତ କରାଯାଇଛି । ଚଳଚ୍ଚିତ୍ର ନିର୍ମାତା ଏବଂ

ଆନିମେସନ୍ ଶିଳ୍ପର ମୁଖ୍ୟ ଅଂଶୀଦାରମାନଙ୍କୁ ଏଥିରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଛି ।

Desk

# ଆକାଶବାଣୀର ୯୦ବର୍ଷ ପୂର୍ତ୍ତି

ଆକାଶବାଣୀର ୯୦ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୬ ତାରିଖରେ କଟକ କେନ୍ଦ୍ର ପକ୍ଷରୁ ଏକ ପଦଯାତ୍ରାର ଆୟୋଜନ କରାଯାଉଛି । ଏଥିରେ ଆକାଶବାଣୀର ବହୁ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିବେ । ଏହି ଅବସରରେ ଗତକାଲି କଟକ ଓଡିଆ ବଜାର ସ୍ଥିତ ନେତାଜୀ ସଂସ୍କୃତି ଭବନରେ ଏକ ସଙ୍ଗୀତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଆକାଶବାଣୀର ଅବସରପ୍ରାପ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ହୃଷିକେଶ ପାଣି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ଶିକ୍ଷା, ସୂଚନା ବିଶେଷକରି କୃଷି କ୍ଷେତ୍ର ତଥା କୃଷକମାନଙ୍କ ଉନ୍ନତିରେ ଆକାଶବାଣୀର ଅନନ୍ୟ ଭୂମିକା ରହିଛି । ଏଥିରେ ରୀତା ପଟ୍ଟନାୟକ ଓ ଅମିତ ଦାସଙ୍କ ସଙ୍ଗୀତ ଓ ବାଦ୍ୟ ପରିବେଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।  ଏହାସହ ରବିନାରାୟଣ ଶତପଥୀ ଓ ଶିଶିର କୁମାର ଶତପଥୀ ଦାସକାଠିଆ ପରିବେଷଣ କରିଥିଲେ ।

Music 25 second

# ୱାର୍ଲ୍ଡ ଲୁପୁସ୍ ଡେ

ଶରୀରକୁ ସୁସ୍ଥ ଏବଂ ନିରୋଗ ରଖିବା ନିମନ୍ତେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ଲୁପୁସ୍ ଦିବସ ପାଳନ କରାଯାଉଛି । ଜଟିଳ ସ୍ୱୟଂକ୍ରିୟ ରୋଗ ପ୍ରତିରୋଧକ ବିହୀନ ଏହି ଅଜଣା ଭୂତାଣୁ ଏବେ ବିଶ୍ୱବ୍ୟାପୀ ବହୁ ଲୋକଙ୍କ ମଧ୍ୟରେ ଦେଖାଦେଇଛି । ରୋଗର ସ୍ଥାୟୀ ଚିକିତ୍ସା ବ୍ୟବସ୍ଥା ଏପର୍ଯ୍ୟନ୍ତ ବାହାରିପାରି ନାହିଁ ଏବଂ ଦୈନନ୍ଦିନ ଜୀବନଶୈଳୀକୁ ଏହା ବିପର୍ଯ୍ୟସ୍ତ କରିଦେଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ଲୁପସ୍‌କୁ ଲୋକଲୋଚନକୁ ଆଣିବା" । ଏହାକୁ ଅଣଦେଖା କଲେ ଏହାର ଭୟଙ୍କର ପରିଣାମ ପରିଦୃଶ୍ୟ ହେବ । ଏହି ରୋଗର ପ୍ରଭାବରେ ଶରୀରର କୋଷ ଏବଂ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଆକ୍ରାନ୍ତ ହେବା ସହ ଖଞ୍ଜା, ଚର୍ମ, ବୃକ୍କ, ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଥାଏ । ଏ ସମ୍ପର୍କରେ ଡାକ୍ତର ସମ୍ବିତ ସୁବୁଦ୍ଧି ଆକାଶବାଣୀକୁ କୁହନ୍ତି ।

**- V/O –**



# ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ପାଣିପାଗ

କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବାନେଇ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସ୍ଥଳ ବିଶେଷରେ ପବନର ବେଗ ଘଣ୍ଟାପ୍ରତି ୫୦ କିଲୋମିଟର ରହିବା ନେଇ ଅନୁମାନ କରାଯାଇଛି । ରାଜ୍ୟରେ ଜାରି ରହିଥିବା କାଳବୈଶାଖୀଜନିତ ବର୍ଷା ପ୍ରଭାବରେ ଉତ୍ତର ଉପକୂଳ ତଥା ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି ।